**ଅପହୃତା ନାବାଳିକା ଉଦ୍ଧାର, ଅଭିଯୁକ୍ତ ଗିରଫ**

କୋଟଗଡ,(ସରୋଜ ବଳିୟାରସିଂ) ଜଣେ ନାବାଳିକାଙ୍କୁ ଅପହରଣ କରାଯାଇଥିବା କୋଟଗଡ ଥାନାରେ ଅଭିଯୋଗ ହୋଇଥିଲା। ପୋଲିସ ନଂ ୪୮/୨୬ରେ ମାମଲା ରୁଜୁ କରି ତଦନ୍ତ ପରେ ଫୁଲବାଣୀର ଏକ ଲଜରୁ ଗତ ଶନିବାର ନାବାଳିକାଙ୍କୁ ଉଦ୍ଧାର କରିବା ସହ ଅପହରଣକାରୀଙ୍କୁ ଗିରଫ କରିଛି। ସେ ହେଲେ ଦାଶରଥି କହ୍ଣସେଟ। ଦାଶରଥି ନାବାଳିକାଙ୍କୁ ନେଇ କେଉଁଆଡେ ଚାଲିଯାଇଥିବା ନେଇ ଗତ ୧୮ ତାରିଖରେ ପରିବାର ପକ୍ଷରୁ ଥାନାରେ ଅଭିଯୋଗ ହୋଇଥିଲା। ଗିରଫ ଅଭିଯୁକ୍ତଙ୍କ ଡାକ୍ତରୀ ମାଇନା ପରେ କୋର୍ଟ ପଠାଯାଇଛି।

**ସଂକ୍ଷେପରେ**

## ଚୋରି ଘଟଣା, ସୁଧାର ଗୃହକୁ ଗଲେ ନାବାଳକ

ବ୍ରହ୍ମପୁର,୨୨।୩ (ସୁବାସ ଚନ୍ଦ୍ର ପାଢ଼ୀ)

ବ୍ରହ୍ମପୁର ସହରର ଧାନମେରା ସାହି ଅଞ୍ଚଳରୁ ଏକ ମୋବାଇଲ ଚୋରି ଘଟଣାରେ ସଂପୃକ୍ତ ଥିବା ଜଣେ ନାବାଳକଙ୍କୁ ବଡବଜାର ଥାନା ପୋଲିସ ଧରିଛି। ତାଙ୍କ ନିକଟରୁ ଚୋରି ମୋବାଇଲକୁ ଜବତ କରାଯାଇଛି । ନାବାଳକଙ୍କ ନାମରେ ପୂର୍ବରୁ ବୈଦ୍ୟନାଥପୁର ଥାନାରେ ମଧ୍ୟ ୨ଟି ଚୋରି ମାମଲା ରହିଥିବା ପଚରାଉଚରା ବେଳେ ଜଣାପଡିଛି। ତାଙ୍କୁ ଜୁଭେନାଇଲ ଜଷ୍ଟିସ ବୋର୍ଡ଼ରେ ହାଜର ପରେ ତାଙ୍କୁ ବାଳସୁଧାର ଗୃହକୁ ପଠାଇ ଦିଆଯାଇଛି। ଗତ ୨୦ ତାରିଖ ବିଳମ୍ବିତ ରାତିରେ ଧନମେରା ସାହିର ତୀର୍ଥ ଘଡେଇଙ୍କ ଘରୁ ମୋବାଇଲ ଫୋନ ଚୋରି ହୋଇଥିଲା। ପରିବାର ଲୋକେ ଉଠି ପଡିବାରୁ ଅଭିଯୁକ୍ତଙ୍କୁ ଚିହ୍ନି ପାରିଥିଲେ। ପରେ ଅଭିଯୁକ୍ତ ନାବାଳକ ଜଣଙ୍କ ଅଭିଯୋଗକାରୀଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହ ଜୀବନରେ ମାରିଦେବାକୁ ଧମକ ଦେଇଥିଲେ।। ବଡବଜାର ଥାନାରେ ତୀର୍ଥଙ୍କ ଅଭିଯୋଗ କ୍ରମେ ନଂ.୧୯୫/୨୬ ରେ ମାମଲା ରୁଜୁ କରି ପୋଲିସ ତଦନ୍ତ କରିଥିଲା ।

## ୩୫ ଜଣଙ୍କ ଚକ୍ଷୁ ପରୀକ୍ଷା

ଗଞ୍ଜାମ,୨୨।୩(ବିଦ୍ୟାଧର ସାହୁ)

ସମରଝୋଳ ଶଙ୍କର ଚକ୍ଷୁ ଚିକିତ୍ସାଳୟ ଆନୁକୂଲ୍ୟରେ ମାଗଣା ଚକ୍ଷୁ ପରୀକ୍ଷା ଶିବିର ଅନୁଷ୍ଠିତ ହୋଇଛି। ଓଡ଼ିଆ ଡାମଣା ରାମେଶ୍ୱର ମନ୍ଦିର ପରିସରରେ ଅନୁଷ୍ଠିତ ଶିବିରରେ ନିରଞ୍ଜନ ପରିଡା, ପପି ଗୌଡ଼, ବିଷ୍ଣୁ ଚରଣ ସେଠୀ, ଅଭିରାମ ସେଠୀ ଏବଂ ଓଡ଼ିଆ ଡମଣା ସାହିର ସମସ୍ତ ସମାଜିକ କର୍ମୀ ବୃନ୍ଦ ଉପସ୍ଥିତ ଥିଲେ। ଏଥିରେ ସମସ୍ତ ପ୍ରକାର ଚକ୍ଷୁର ପରୀକ୍ଷା ନିଃଶୁଳ୍କ କରାଯାଇଥିଲା। ମୋଟ ୩୫ ଜଣଙ୍କର ଚକ୍ଷୁ ପରୀକ୍ଷା କରାଯାଇଥିବା ବେଳେ ୫ଙ୍କୁ ଚଷମା ପ୍ରଦାନ କରାଯାଇଛି। ୧୦ ଜଣଙ୍କୁ ମୋତିଆବିନ୍ଦୁ ଚିହ୍ନଟ କରାଯାଇଥିଲା।

## ୧୮୯ ୟୁନିଟ ରକ୍ତ ସଂଗୃହୀତ

ଆସିକା,୨୨।୩(ସୁରେନ୍ଦ୍ର ନାଥ ସାହୁ)

ଆସିକା ହରିହର ହାଇସ୍କୁଲ ସଂଲଗ୍ନ ବିଜୁ ପଟ୍ଟନାୟକ ଇନଡୋର ଷ୍ଟାଡିଅମ ଠାରେ ରବିବାର ସରୋଜ ସେନା ପକ୍ଷରୁ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା। ଆସିକା ବିଧାୟକ ସରୋଜ କୁମାର ପାଢୀଙ୍କ ଜନ୍ମ ଦିନ ଅବସରରେ ହୋଇଥିବା ଏହି ଶିବିରରେ ୧୮୯ ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା । ବ୍ରହ୍ମପୁର ବଡମେଡିକାଲର ରେଡକ୍ରସ ବିଭାଗର ଡାକ୍ତର ରାମଚନ୍ଦ୍ର ମହାପାତ୍ରଙ୍କ ନେତୃତ୍ୱରେ ରକ୍ତ ସଂଗ୍ରହ ହୋଇଥିଲା। ଶିବିରରେ ବିଧାୟକ ପାଢୀଙ୍କ ସମେତ ତାଙ୍କର ପ୍ରତିନିଧି ସଙ୍ଗୀତ ପାଢୀ ଓ ସନ୍ଦିପ ପାଢୀ, ପୌରପରିଷଦ ଅଧ୍ୟକ୍ଷା ବିନେତା ସ୍ୱାଇଁ, ଆତ୍ମା ଅଧ୍ୟକ୍ଷ ବିଜୟ ସ୍ୱାଇଁ, ବ୍ଲକ ଉପାଧ୍ୟକ୍ଷା ରେସମା ଦୋରା, ଭାଜପା ନେତା ଶିବ ନାୟକ, ଭଗବାନ ସାହୁ, ସତ୍ୟନାରାୟଣ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ ।

# ସ୍ୱଚ୍ଛସାଥୀ ଓ ସୁପରଭାଇଜର ସଂଘର ସମାବେଶ

ବ୍ରହ୍ମପୁର,୨୨।୩(ସୁବାସ ଚନ୍ଦ୍ର ପାଢ଼ୀ)

### ଦାବି ପୂରଣ ପାଇଁ ଆନ୍ଦୋଳନ ନିଷ୍ପତ୍ତି



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି।

ଗଞ୍ଜାମ ଜିଲାର ସହରାଞ୍ଚଳ ପରିମଳ ସେବାରେ ନିୟୋଜିତ ସ୍ୱଚ୍ଛସାଥୀ ଓ ସୁପରଭାଇଜରମାନଙ୍କ ଜିଲାସ୍ତରୀୟ ସମାବେଶ ରବିବାର ସ୍ଥାନୀୟ ଗୋଲୀଲା ସାହି କୋଠଘର ପରିସରରେ ଅନୁଷ୍ଠିତ ହୋଇଯାଇଛି। ସ୍ୱଚ୍ଛସାଥୀ ଓ ସୁପରଭାଇଜର ସଂଘ ରାଜ୍ୟ କାର୍ଯ୍ୟକାରୀ ସଦସ୍ୟା ସଂଯୁକ୍ତା ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସମାବେଶରେ ଜିଲାର ବିଭିନ୍ନ ପୌରାଞ୍ଚଳର କର୍ମକର୍ତ୍ତା ଯୋଗ ଦେଇଥିଲେ । କେନ୍ଦ୍ର ସରକାରଙ୍କ ସ୍ୱଚ୍ଛ ଭାରତ ମିଶନ ଅଧୀନରେ କାର୍ଯ୍ୟରତ ଏହି କର୍ମଚାରୀମାନେ ଦୀର୍ଘ ଦିନ ହେବ ସହରାଞ୍ଚଳର ପରିମଳ କାର୍ଯ୍ୟ ସହ ବିଭିନ୍ନ ସରକାରୀ ଯୋଜନା ସଫଳ ରୂପାୟନ କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରି ଆସୁଛନ୍ତି। ସହରାଞ୍ଚଳରେ ଏହି ଶିକ୍ଷିତ ମହିଳାମାନେ ଅବର୍ଜନା ହଟାଇବା କାମର ତଦାରଖ ସହ ନାଗରିକମାନଙ୍କ ଠାରୁ ପୌର ପ୍ରଶାସନ ପାଇଁ ହୋଲଡିଂ ଟିକସ, ପରିମଳ ବାବଦ ୟୁଜର୍ସ ଫି ଆଦି ଆଦାୟର ଦାୟିତ୍ୱକୁ ସୁଚାରୁ ରୂପେ ତୁଲାଇ ଆସୁଛନ୍ତି। ତେବେ ପରିତାପର ବିଷୟ ଏଯାଏଁ ସରକାର ସେମାନଙ୍କୁ କର୍ମଚାରୀର ମାନ୍ୟତା କିମ୍ବା ସର୍ବନିମ୍ନ ମଜୁରୀ ଦେଉନାହାନ୍ତି । ଏପରିକି ପୂର୍ବ ସରକାର ଘୋଷଣା କରିଥିବା ବର୍ଦ୍ଧିତ ପାରିଶ୍ରମିକକୁ ବର୍ତ୍ତମାନର ସରକାର ଦେବାରେ ଟାଳଟୁଳ ନୀତି ଅବଲମ୍ବନ କରୁଛନ୍ତି । ନାମକୁ ମାତ୍ର ପାରିଶ୍ରମିକ ପାଉଥିବା ଏହି ସଳ୍ପ ବେତନ ଭୋଗୀ କର୍ମଚାରୀଙ୍କ ଉପରେ ଏକାଧିକ ଅତିରିକ୍ତ କାମକୁ ଲଦି ସେସବୁକୁ କରିବା ପାଇଁ ବାଧ୍ୟ କରାଯାଉଛି । ସ୍ୱଚ୍ଛସାଥୀ ଓ ସୁପରଭାଇଜରମାନଙ୍କୁ କର୍ମଚାରୀର ମାନ୍ୟତା, ସର୍ବନିମ୍ନ ମଜୁରୀ ପ୍ରଦାନ, ସାମାଜିକ ସୁରକ୍ଷା ଯୋଜନାରେ ସାମିଲ କରିବା, ମାସିକ ୪ ଦିନ ସବେତୈନିକ ଛୁଟି, ଇପିଏଫ/ଇଏସଆଇର ସୁବିଧା ପ୍ରଦାନ, ପ୍ରସୂତୀକାଳୀନ ଛୁଟି ଆଦି ଦାବି ନେଇ ସଂଘ ଲଗାତାର ଭାବେ ଦାବି କରି ଆସିଛି । ଏଥିପାଇଁ ଆଗକୁ ରାଜ୍ୟରେ ଆନ୍ଦୋଳନ ହେବ ବୋଲି ସଂଘର ଗଞ୍ଜାମ ଜିଲ୍ଲା ଶାଖା ପକ୍ଷରୁ ଘୋଷଣା କରାଯାଇଛି । ରବିବାର ସାଧାରଣ ବୈଠକରେ ସଂଘର ନୂତନ ଜିଲ୍ଲା କାର୍ଯ୍ୟକାରୀ କମିଟି ଗଠିତ କରାଯାଇଛି । ୧୬ ଜଣିଆ କମିଟି ଗଠନ ସହ ବିଭିନ୍ନ କର୍ମକର୍ତ୍ତା ମଧ୍ୟ ଚୟନ କରାଯାଇଛି । ଆସନ୍ତା ଏପ୍ରେଲ ମାସରେ କେନ୍ଦ୍ର ସରକାରଙ୍କ ଦ୍ୱାରା ଶ୍ରମିକ ବିରୋଧି ୪ ଗୋଟି ଶ୍ରମ କୋଡ଼ ଲାଗୁ କରିବାକୁ ଘୋଷଣା କରାଯାଇ ଥିବାରୁ ବୈଠକରେ ତାହାକୁ ବିରୋଧ କରାଯାଇଛି । ବୈଠକରେ ସଂଘର ଉପଦେଷ୍ଟା ଭାଲଚନ୍ଦ୍ର ଷଡ଼ଙ୍ଗୀ, ସର୍ବଭାରତୀୟ ଶ୍ରମିକ ସଂଗଠନ ଆଇଏଫଟିୟୁ (ଇଫଟୁ)ର ରାଜ୍ୟ ସଭାପତି ପ୍ରତାପ ପ୍ରଧାନ, ପୌର କର୍ମଚାରୀ ନେତା ପ୍ରଶାନ୍ତ ପରିଛା, ସଚ୍ଛସାଥୀ ଓ ସୁପରଭାଇଜର ସଂଘର ରାଜ୍ୟ ସମ୍ପାଦିକା ସୁଦଷ୍ଣା ନାୟକ, ମାମାଲି ଦାସ, ବି. ସଂଗୀତା, ବ୍ରହ୍ମପୁର ମହାନଗର ନିଗମ ଶାଖାର ସଭାନେତ୍ରୀ ସବିତା ପାଢ଼ୀ, ସମ୍ପାଦିକା ମିତା ପାଢ଼ୀ ଓ ଜିଲ୍ଲାର ବିଭିନ୍ନ ଏନଏସି ଓ ମ୍ୟୁନିସିପାଲିଟିର ସ୍ୱଚ୍ଛସାଥି ଓ ସୁପରଭାଇଜରମାନେ ଉପସ୍ଥିତ ଥିଲେ ।

# ଜଳ ସଂରକ୍ଷଣ ପାଇଁ ଆହ୍ୱାନ



ମଞ୍ଚାସୀନ ଅତିଥି।

ବ୍ରହ୍ମପୁର,୨୨।୩(ଅଶୋକ କୁମାର ସାହୁ)

ବିଶ୍ୱ ଜଳ ଦିବସ ଅବସରରେ ଆଇଏସଆରଡି, ୟୁଥ ଫୋର ୱାଟର ପ୍ଲସ, ଭୁବନେଶ୍ୱର, ବ୍ଲୁ କମ୍ୟୁନିଟି ଗ୍ଲୋବାଲ ନେଟୱର୍କ ଓ ୱାନ ଷ୍ଟପ ସେଣ୍ଟର, ବ୍ରହ୍ମପୁର ପକ୍ଷରୁ ଗୋସାଣି ନୂଆଗାଁ ସ୍ଥିତ ଏକ ଘରୋଇ ତାଲିମ ଅନୁଷ୍ଠାନରେ ଯୁବ ସ୍ୱରରେ ଜଳର ଆହ୍ୱାନ ସମାନ ଅଧିକାର ଓ ସମାନ ଜଳ ବିଷୟରେ ଯୁବ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଜଳସଙ୍କଟ, ଜଳବାୟୁ ପରିବର୍ତ୍ତନ ଓ ସମାଜରେ ଜଳର ସମାନ ବଣ୍ଟନର ଆବଶ୍ୟକତା ଉପରେ ଆଲୋଚନା ହୋଇଥିଲା । ଯୁବ ପିଢ଼ୀଙ୍କ ଭୂମିକା ଓ ଜଳ ପରିଚାଳନାରେ ମହିଳା ମାନଙ୍କ ସକ୍ରିୟ ନେତୃତ୍ୱକୁ ଗୁରୁତ୍ୱ ଦିଆଯାଇଥିଲା । ଅତିଥି ମାନଙ୍କ ମଧ୍ୟରେ ଆଇଏସଆରଡି ଅଧ୍ୟକ୍ଷ ସଚ୍ଚିଦାନନ୍ଦ ନାୟକ ଓ ମହେଶ୍ୱତା ପାଢ଼ୀ, ଡଃ ନାରାୟଣ ତିଆଡ଼ି,ଡଃ ସୁଧୀର ରାଉତ,ଡଃ ସଙ୍କର୍ଷଣ ବେଜ, ମହେଶ୍ୱର ବରାଡ଼, ବିଜୟ କୁମାର ବିଶ୍ୱାଳ,ଦେବେଶ ସାମନ୍ତରାୟ ଯୋଗ ଦେଇ ଜଳ ସଂରକ୍ଷଣ ପାଇଁ ଆହ୍ୱାନ ଦେଇଥିଲେ । ଆଇଏସଆରଡି ନିର୍ଦ୍ଦେଶକ ସୁଧୀର ସାବତ ସ୍ୱାଗତ ଭାଷଣରେ ଜଳକୁ ମୌଳିକ ମାନବାଧିକାର ବୋଲି କହି ସୁବିନିଯୋଗ ଓ ସଂରକ୍ଷଣର ଆବଶ୍ୟକତା ଉପରେ ଜୋର ଦେଇଥିଲେ । କାର୍ଯ୍ୟକ୍ରମରେ ଯୁବ ଗୋଷ୍ଠୀ ଜଳ ସଂରକ୍ଷଣ, ବର୍ଷାପାଣି ସଂଗ୍ରହ ଓ ସଚେତନ ବ୍ୟବହାର ବିଷୟରେ ମତ ରଖିଥିଲେ । ଶେଷରେ ଜଳ ସମ୍ପଦ ସୁରକ୍ଷା, ପ୍ରଦୂଷଣ ରୋକିବା ଓ ସମାନ ଉପଲବ୍ଧତା ପାଇଁ କାମ କରିବେ ବୋଲି ସମସ୍ତେ ଶପଥ ନେଇଥିଲେ।

# ନୂତନ ମନ୍ଦିର ପ୍ରତିଷ୍ଠା ପାଇଁ କଳସ ଯାତ୍ରା


ରଷିକୁଲ୍ୟା ନଦୀରେ ପୂଜାର୍ଚ୍ଚନା।

ଗଞ୍ଜାମ,୨୨।୩(ବିଦ୍ୟାଧର ସାହୁ)

ଗଞ୍ଜାମ ବ୍ଲକ୍ କରପଡା ଗ୍ରାମରେ ରବିବାରଠାରୁ ୫ ଦିନ ବ୍ୟାପୀ ମା'ବୁଢ଼ୀ ଠାକୁରାଣୀ ଏବଂ ତ୍ରିନାଥ ଦେବଙ୍କ ନୂତନ ମନ୍ଦିରର ପ୍ରତିଷ୍ଠା ଉତ୍ସବ ଚାଲିବ। ଏଥିପାଇଁ ଅନେକ ମହିଳା ପୁରୁଷଙ୍କୁ ନେଇ କଳସ ଯାତ୍ରା ଅନୁଷ୍ଠିତ ହୋଇଛି। ରଷିକୁଲ୍ୟା ନଦୀରୁ ପାଣି ଅଣାଯିବା ପରେ ଯଜ୍ଞ ଆରମ୍ଭ ହୋଇଛି। ମନ୍ଦିର ପ୍ରତିଷ୍ଠା କମିଟିର ସଭାପତି ଡ.ପ୍ରଶାନ୍ତ କୁମାର ନାୟକଙ୍କ ସହ କମିଟିର ସମ୍ପାଦକ, କୋଷାଧ୍ୟକ୍ଷ ଏବଂ ଉପଦେଷ୍ଟାଙ୍କ ତତ୍ତ୍ୱାବଧାନରେ ପରିଚାଳନା କମିଟିର ସମସ୍ତ ପଦାଧିକାରୀ ଓ ଗ୍ରାମବାସୀମାନେ ଆୟୋଜନ କରିଛନ୍ତି। କଳସ ଯାତ୍ରା ଅବସରରେ ଛତ୍ରପୁର ମା' ରାମଣାଆମ୍ମା ଠାକୁରାଣୀ ଯାତ୍ରା କମିଟି ସଭାପତି ସିଏଚ୍ ଦୟାନନ୍ଦ ରେଡ୍ଡୀ ଯୋଗ ଦେଇଥିଲେ। ଏଥିରେ ଘୃତ ଯଜ୍ଞ, ଅନ୍ନ ଯଜ୍ଞ, ଜ୍ଞାନ ଯଜ୍ଞ କରାଯାଉଛି। ଭକ୍ତ ଭିଡ଼କୁ ଦୃଷ୍ଟିରେ ରଖି ପ୍ରଶାସନିକ ବ୍ୟବସ୍ଥା ସହିତ ସ୍ୱେଚ୍ଛାସେବୀ ବ୍ୟବସ୍ଥା କରାଯାଇଛି ବୋଲି ଆୟୋଜକ ସୂଚନା ଦେଇଛନ୍ତି।

## ଜନଗଣନା ପ୍ରଶିକ୍ଷଣ ଶିବିର ଉଦ୍‌ଘାଟିତ

ଦିଗପହଣ୍ଡି,୨୨।୩(ଅଶେଷ ନାଥ ମିଶ୍ର)

ଦିଗପହଣ୍ଡି ତହସିଲ ଓ ଏନ୍ଏସି ପ୍ରଶାସନ ପକ୍ଷରୁ ବଡଖେମୁଣ୍ଡି ହାଇସ୍କୁଲ ପରିସରରେ ଜାତୀୟ ଜନଗଣନାର ପ୍ରଥମ ପର୍ଯ୍ୟାୟ ପ୍ରଶିକ୍ଷଣ ଶିବିର ଉଦ୍‌ଘାଟିତ ହୋଇଛି। ଏହି କାର୍ଯ୍ୟକୁ ଦିଗପହଣ୍ଡି ତହସିଲଦାର ସନ୍ତୋଷ କୁମାର ସାହୁ ସଂଯୋଜନା କରିଥିଲେ। ଗଞ୍ଜାମ ଜିଲା ଜନଗଣନା ଦାୟିତ୍ୱରେ ଥିବା ଅତିରିକ୍ତ ଜିଲାପାଳ ସନ୍ତୋଷ ଆଚାର୍ଯ୍ୟ, ଜିଲା ଜନଗଣନା ଅଧିକାରୀ ଡ.ଶୀକିତା ଗୌଡ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ଦିଗପହଣ୍ଡି ସହରାଞ୍ଚଳକୁ ବାଦ ଦେଇ ବ୍ଲକ ଅଧିନ ଗ୍ରାମାଞ୍ଚଳ ମାନଙ୍କରେ ଚିହ୍ନଟ କରାଯାଇଥିବା ୩୬୧ଟି ଗୃହ ଗଣନା ବ୍ଲକ ସମ୍ପର୍କରେ ବିସ୍ତୃତ ରିପୋର୍ଟ ପ୍ରସ୍ତୁତ କରାଯାଇଛି। ଜନଗଣନାର ପ୍ରଥମ ପର୍ଯ୍ୟାୟରେ ଆସନ୍ତା ଅପ୍ରେଲ ୧ ରୁ ୧୫ ଯାଏ ଆରମ୍ଭ ହେବାକୁ ଯାଉଥିବା ବେଳେ ଅପ୍ରେଲ ୧୬ ରୁ ମେ ୧୫ ପର୍ଯ୍ୟନ୍ତ ଗ୍ରାମାଞ୍ଚଳରେ ଗୃହ ତାଲିକା ଏବଂ ଗୃହ ଗଣନା ନିମନ୍ତେ ପ୍ରଶିକ୍ଷଣ ଶିବିରରେ ଆଲୋଚନା କରାଯାଇଥିଲା। ଏହି ଗୃହ ତାଲିକା ଏବଂ ଗୃହ ଗଣନା ନିମନ୍ତେ ୨୮୭ ଜଣ ପରିଗଣନାକାରୀ ଏବଂ ୫୨ ଜଣ ସୁପରଭାଇଜରଙ୍କୁ ନିୟୋଜିତ କରାଯାଇଛି। ଅତିରିକ୍ତ ତହସିଲଦାର ଆଶିଷ ନାୟକ, ବ୍ଲକ ସହଗୋଷ୍ଠୀ ଶିକ୍ଷାଧିକାରୀ ବାଳା ମାଝୀ, ବିଶ୍ରବା ପାଇକ, ରସାନନ୍ଦ ଘଡ଼େଇ, ଏନଏସି କାର୍ଯ୍ୟ ନିର୍ବାହୀ ଅଧିକାରୀ ଅବିନାଶ ମିଶ୍ର, ମୃତ୍ୟୁଞ୍ଜୟ ଦାସ ପ୍ରମୁଖ ୬ ଜଣ କ୍ଷେତ୍ର ପ୍ରଶିକ୍ଷକ ଭାବେ ନିୟୋଜିତ ରହି ଶିବିରରେ ତାଲିମ ପ୍ରଦାନ କରୁଛନ୍ତି।

## ସ୍ୱାମୀ ଚେତନାନନ୍ଦ ସାରସ୍ୱତ ବିଦ୍ୟାମନ୍ଦିରର ବାର୍ଷିକୋତ୍ସବ

ଦିଗପହଣ୍ଡି,୨୨।୩(ଅଶେଷ ନାଥ ମିଶ୍ର)

ଦିଗପହଣ୍ଡି ଏନ୍ଏସି ୧୦ ନଂ. ୱାର୍ଡ ଗଡ଼ ଚୈତନ୍ୟପୁର ଶାସନ ସାହି ସ୍ଥିତ ସ୍ୱାମୀ ଚେତନାନନ୍ଦ ସାରସ୍ୱତ ବିଦ୍ୟାମନ୍ଦିରର ୧୫ତମ ବାର୍ଷିକୋତ୍ସବ ଅନୁଷ୍ଠିତ ହୋଇଛି। ଏହାସହ ୨ଦିନ ବ୍ୟାପି ସ୍ୱାମୀ ଚେତନାନନ୍ଦ ସରସ୍ୱତୀ ପରମହଂସ ଦେବଙ୍କ ୯୪ ତମ ଜନ୍ମୋତ୍ସବ ମହାରୋହର ଉଦ୍‌ଯାପିତ ହୋଇଛି। ଜନ୍ମୋତ୍ସବର ପ୍ରଥମ ଦିବସରେ ଆଶ୍ରମ ପରିସରରେ ଅଧିବାସ, ପୂଜାର୍ଚ୍ଚନା କରାଯିବା ପରେ ସ୍ୱାମୀଜୀଙ୍କ ବିଗ୍ରହକୁ ସହର ପରିକ୍ରମା କରାଯାଇଥିଲେ। ଦ୍ୱିତୀୟ ଦିବସରେ ଅରୁଣ ପଣ୍ଡାଙ୍କ ସଂଯୋଜନାରେ ଆୟୋଜିତ ସଭାରେ ଆକାଶବାଣୀ ରେଡ଼ିଓ ଏବଂ ଦୂରଦର୍ଶନର ପ୍ରାକ୍ତନ ନିର୍ଦ୍ଦେଶକ ଡ.ଶାନ୍ତନୁ ରଥଙ୍କ ଅଧ୍ୟକ୍ଷତାରେ ମୁଖ୍ୟଅତିଥି ଭାବେ ଦିଗପହଣ୍ଡି ଏନ୍ଏସି ଅଧ୍ୟକ୍ଷ ପ୍ରଫୁଲ୍ଲ ପଣ୍ଡା ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ କାଉନସିଲର ଦୀପକ ମିଶ୍ର ମଞ୍ଚାସିନ ଥିଲେ। ଅତିଥିମାନେ ବିଦ୍ୟାମନ୍ଦିର ପକ୍ଷରୁ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର କୃତି ଛାତ୍ରୀଛାତ୍ର ପୁରସ୍କୃତ କରିଥିଲେ। ଏହି କାର୍ଯ୍ୟକ୍ରମରେ ଭୁବନେଶ୍ୱର, ବ୍ରହ୍ମପୁର, ଦିଗପହଣ୍ଡି, ଟିକିଟି ଆଦି ଅଞ୍ଚଳରୁ ଭକ୍ତ ଯୋଗ ଦେଇଥିବା ବେଳେ ସ୍ୱାମୀ ସ୍ୱରୁପାନନ୍ଦ ସରସ୍ୱତୀ, ସୁରେଶ ଚନ୍ଦ୍ର ମିଶ୍ର, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ପ୍ରଦୀପ ଉଦଗାତା, ନୃସିଂହ ପ୍ରସାଦ ମିଶ୍ର ପ୍ରମୁଖ ସହଯୋଗ କରିଥିଲେ।

# ରଷିକୁଲ୍ୟା ବେଆଇନ ବାଲିଘାଟରେ ନିଷେଧାଦେଶ ଜାରି

ଆସିକା,୨୨।୩(ସୁରେନ୍ଦ୍ର ନାଥ ସାହୁ)

ଆସିକା ତହସିଲର କୋଟିନଡା ଥାନା ଅନ୍ତର୍ଗତ କେନ୍ଦୁପଦର ଓ ଆସିକା ଥାନା ଅନ୍ତର୍ଗତ ଚେରମାରିଆସ୍ଥିତ ରଷିକୁଲ୍ୟା ନଦୀର ବେଆଇନ ବାଲିଘାଟ ଉପରେ ପ୍ରଶାସନ ପକ୍ଷରୁ ନିଷେଧାଦେଶ ଜାରି କରାଯାଇଛି । ଶନିବାର ଭଞ୍ଜନଗର ଉପଜିଲାପାଳ ଉମାଶଙ୍କର ବେହେରା ଏହି ନଦୀର ଉଭୟ ସ୍ଥାନରେ ପ୍ରାୟ ୫୦ ଏକରରୁ ଅଧିକ ଜାଗାରେ ଖଣିଜ ପଦାର୍ଥ (ବାଲି) ଚୋରି ରୋକିବା ଲାଗି ଭାରତୀୟ ନ୍ୟାୟ ସଂହିତାର ୧୬୩ ଧାରା ଜାରି କରିଛନ୍ତି। ଏହାର ଉପଯୁକ୍ତ ପରିଚାଳନା ଲାଗି କୋଟିନଡା ଥାନା ଓ ଆସିକା ଥାନା ଅଧିକାରୀଙ୍କୁ ନିର୍ଦ୍ଦେଶ ରହିଥିଲା ବେଳେ ଆସିକାର ଅତିରିକ୍ତ ତହସିଲଦାର ଅମରେଶ ସାବତ କାର୍ଯ୍ୟନିର୍ବାହୀ ମାଜିଷ୍ଟ୍ରେଟ ଭାବେ ଦାୟିତ୍ୱ ତୁଲାଇବା ଲାଗି ନିର୍ଦ୍ଦେଶ ରହିଛି । ଜାରି କରାଯାଇଥିବା ଏହି ଜାଗା ମଧ୍ୟରେ କେନ୍ଦୁପଦର ମୌଜାର ଖାତା ୬୧୧ ପ୍ଲଟ ନମ୍ବର ୧୨୮୮ରେ ୨୨ ଏକର, ପ୍ଲଟ ନମ୍ବର ୧୨୮୯ରେ ୧୦ ଏକର ଓ ପ୍ଲଟ ନମ୍ବର ୨୪୯୨ରେ ୨୦ ଏକର ରହିଛି। ସେହିପରି ଚେରମାରିଆ ମୌଜାର ଖାତା ନମ୍ବର ୩୦୩, ପ୍ଲଟ ନମ୍ବର ୧୩୯୨ରେ ୧୨ ଏକର ପରିମିତ ଅଞ୍ଚଳ ଲାଗି ନିଷେଧାଦେଶ ଜାରି କରାଯାଇଛି। ସୂଚନାଯୋଗ୍ୟ ପୂର୍ବରୁ କେନ୍ଦୁପଦର ବାଲି ଘାଟ ଉପରେ ନିଷେଧାଦେଶ ଜାରି କରାଯାଇଥିଲା ବେଳେ ଗତ ବୁଧବାର ରାତିରେ ବାଲି ଚାଲାଣ କରୁଥିବା ୧୫ରୁ ଉର୍ଦ୍ଧ୍ୱ ଗାଡିକୁ ପ୍ରଶାସନିକ ଅଧିକାରୀ ଜବତ କରିଥିଲେ ।

# ଲକ୍ଷାଧିକ ଟଙ୍କା ଚୋରି ଘଟଣା:୩ ନାବାଳକଙ୍କୁ ନୋଟିସ ଦେଇ ଛାଡ଼ିଲା ପୋଲିସ

ଦିଗପହଣ୍ଡି/ଟିକିଟି,୨୨।୩ (ଅଶେଷ ନାଥ ମିଶ୍ର/ ପ୍ରକାଶ ଚନ୍ଦ୍ର ସାହୁ)

ଟିକିଟିପେଣ୍ଠ ଗ୍ରାମ ପଦ୍ମନଗର ୬ଷ୍ଠ ଲେନ ବାସିନ୍ଦା ମଙ୍ଗୁଲୁ ପ୍ରଧାନ ଘରେ ତାଲା ପକାଇ ସମ୍ପର୍କୀୟଙ୍କ ଘରକୁ ଯାଇଥିବା ବେଳେ ଗତ ଶୁକ୍ରବାର ତାଙ୍କ ଘର ଆଲମିରାରୁ ୧ ଲକ୍ଷ ୩୮ ହଜାର ଟଙ୍କା ଚୋରି ହୋଇଥିଲା। ମଙ୍ଗୁଲୁ ଫେରି ଟଙ୍କା ଚୋରି ହୋଇଥିବା ଜାଣିବା ପରେ କେ.ନୂଆଗାଁ ଥାନାରେ ଏତଲା ଦେଇଥିଲେ। ଏହାକୁ ଭିତ୍ତିକରି ନଂ.୮୧/୨୬ରେ ମାମଲା ରୁଜୁ ହୋଇଥିଲା। ନୂଆପଡ଼ା ଫାଣ୍ଡି ଏଏସଆଇ ସୁବାସ ଚନ୍ଦ୍ର ନାୟକ ତଦନ୍ତ କରିଥିଲେ। ଘରର ପ୍ରଥମ ମହଲାରେ ଭଡ଼ାରେ ରହୁଥିବା ଜଣେ ବ୍ୟକ୍ତିଙ୍କ ମାଟ୍ରିକ ପଢୁଥିବା ନାବାଳକ ପୁଅ ମଙ୍ଗୁଲୁଙ୍କୁ ୩ ହଜାର ଟଙ୍କା ଫେରାଇଥିଲେ। ସେ ଏନେଇ ପୋଲିସକୁ ସୂଚନା ଦେବାପରେ ତଦନ୍ତକାରୀ ଅଧିକାରୀ ପହଞ୍ଚି ନାବାଳକଙ୍କ ବୟାନ ରେକର୍ଡ କରିବା ପରେ ସେ ଅନ୍ୟ ୨ ନାବାଳକ ସାଙ୍ଗଙ୍କୁ ଡକାଇ ଗତ ଶୁକ୍ରବାର ଟଙ୍କା ଚୋରି କରିଥିବା ସ୍ୱୀକାର କରିଥିଲେ। ପୋଲିସ ସେମାନଙ୍କୁ ପଚରାଉଚୁରା କରିଥିଲା। ସେମାନଙ୍କ ସୂଚନା ପ୍ରକାରେ କରବାଲୁଆ ଗ୍ରାମର ପପୁ ସେଠୀଙ୍କ ଠାରୁ ୯୨୫୦୦ ଟଙ୍କା ଜବତ କରାଯାଇ ସାକ୍ଷ୍ୟ ମାନଙ୍କ ଉପସ୍ଥିତି ରେ ଚୋରି ଯାଇଥିବା ଘର ମାଳିକ ମଙ୍ଗୁଲୁଙ୍କୁ ଜିମା ଦିଆଯାଇଛି। ଘଟଣାରେ ସମ୍ପୃକ୍ତ ଥିବା ୩ ନାବାଳକ ଙ୍କୁ ଭାରତୀୟ ନାଗରିକ ସୁରକ୍ଷା ସଂହିତା ର ଧାରା -୩୫(୩) ଅନୁଯାୟୀ ନୋଟିସ ପ୍ରଦାନ କରାଯାଇ ତାଙ୍କ ମାବାପାଙ୍କୁ ହସ୍ତାନ୍ତର କରାଯାଇଛି।

## ନବବଧୂଙ୍କ ଆତ୍ମହତ୍ୟା

ଦିଗପହଣ୍ଡି,୨୨।୩(ଅଶେଷ ନାଥ ମିଶ୍ର)

ଦିଗପହଣ୍ଡି ରାମଚନ୍ଦ୍ର ନଗରରେ ରହୁଥିବା ଚନ୍ଦ୍ରମା ଗୌଡ଼(୨୮)ନାମକ ଜଣେ ନବବଧୂ ଆତ୍ମହତ୍ୟା କରିଛନ୍ତି। ଦିଗପହଣ୍ଡି ପୋଲିସ ପଙ୍ଖାରେ ଝୁଲୁଥିବା ତାଙ୍କ ମୃତଦେହକୁ ଜବତ କରିଛି। ଚନ୍ଦ୍ରମା ଗତ କିଛି ଦିନ ପୂର୍ବେ ଦିଗପହଣ୍ଡି ବସଷ୍ଟାଣ୍ଡରେ ରେଡିମେଡ଼ ଡ୍ରେସ ବ୍ୟବସାୟ କରୁଥିବା ଯୋଗୀ ସାହୁ ଙ୍କ ପୁଅ ବୁଲୁଙ୍କୁ ବିବାହ କରିଥିଲେ। ପାରିବାରିକ ଅଶାନ୍ତିରୁ ମାନସିକ ଭାରସାମ୍ୟ ହରାଇ ଚନ୍ଦ୍ରମା ଆତ୍ମହତ୍ୟା କରିଥିବା କୁହାଯାଉଛି। ମୃତଦେହ ବ୍ୟବଚ୍ଛେଦ ନିମନ୍ତେ ବ୍ରହ୍ମପୁର ବଡ଼ ଡାକ୍ତରଖାନାକୁ ପଠାଇଛି।

## ବେପରୁଆ ଗାଡ଼ି ଚାଳନା, ଦୁର୍ଘଟଣାରୁ ବର୍ତ୍ତିଲେ ଲୋକେ

ବେଲଗୁଣ୍ଠା,୨୨।୩(କୃଷ୍ଣ ଚନ୍ଦ୍ର ପଟ୍ଟନାୟକ)

ଗୋବରା ଅଞ୍ଚଳରେ ରବିବାର ଏକ ବଡ଼ ସଡ଼କ ଦୁର୍ଘଟଣା ଟଳିଯାଇଥିବା ବେଳେ ବହୁ ଲୋକ ଦୁର୍ଘଟଣାରୁ ବର୍ତ୍ତି ଯାଇଛନ୍ତି। ସକାଳେ ବିଞ୍ଚଣା- ଗୋବରା ରାସ୍ତାରେ ଗୁଡ଼ିଆ ଶଙ୍ଖ ନିକଟରେ ଆଗରେ ଯାଉଥିବା ଦୁଇଟି ଘରୋଇ ବସ ଓଭର୍‌ଟେକ କରିବାକୁ ଚେଷ୍ଟା କରିଥିବା ବେଳେ ରାସ୍ତାର ଉଭୟ ପାର୍ଶ୍ୱରେ ଲୋକେ ଛିଡା ହୋଇଥିବା ଏବଂ ଯିବା ଆସିବା କରୁଥିବା ଲୋକେ ଜୀବନ ବିକଳରେ ପାଖରେ ଥିବା ବିଲକୁ ଦୌଡ଼ି ପଳାଇଥିବା ଦେଖିବାକୁ ମିଳିଥିଲା । ବସ ୨ଟିର ଚାଳକଦ୍ୱୟ ଖାମଖିଆଲ ମନୋଭାବ ଯୋଗୁଁ ବହୁ ଯାତ୍ରୀ ଏବଂ ପଥଚାରୀଙ୍କ ଜୀବନ ପ୍ରତି ବିପଦ ସୃଷ୍ଟି ହେବାର ସମ୍ଭାବନା ଥିବାରୁ ସେଠାରେ ଦୀର୍ଘ ସମୟ ଧରି ଉତ୍ତେଜନା ପ୍ରକାଶ ପାଇଥିଲା। ସ୍ଥାନୀୟ ଲୋକେ ବାସ ଚାଳକଙ୍କୁ ଆଗକୁ ଏହିଭଳି ହେଲେ ଥାନାରେ ଜଣାଇବେ ବୋଲି ଚେତାବନୀ ଦେଇଛନ୍ତି।

# ରମେଶ ଜେନାଙ୍କ ନିଲମ୍ବନ ପ୍ରତ୍ୟାହାର ଦାବି କଲେ ଛତ୍ରପୁର କଂଗ୍ରେସ ନେତା

ଛତ୍ରପୁର,୨୨।୩(ଦିଲ୍ଲୀପ ସାମଲ)


ଖବରଦାତା ସମ୍ମିଳନୀରେ ଉପସ୍ଥିତ କଂଗ୍ରେସ ନେତା।

କଂଗ୍ରେସରୁ ନିଲମ୍ବିତ ହୋଇଥିବା ସାନଖେମୁଣ୍ଡି ବିଧାୟକ ରମେଶ ଜେନାଙ୍କ ସପକ୍ଷରେ ବାହାରିଛନ୍ତି ଛତ୍ରପୁରର କଂଗ୍ରେସ ବୃନ୍ଦ । ଛତ୍ରପୁର ପ୍ରେସ କ୍ଲବ ପରିସରରେ ଆୟୋଜିତ ଖବରଦାତା ସମ୍ମିଳନୀରେ ପୂର୍ବତନ ନଗରପାଳ ରାମଚନ୍ଦ୍ର ବେହେରା ରମେଶଙ୍କ ସପକ୍ଷରେ ବାହାରିଥିଲେ। ରମେଶ ଗଞ୍ଜାମ ଜିଲାର ଏକମାତ୍ର କଂଗ୍ରେସ ବିଧାୟକ । ଜିଲାରେ କଂଗ୍ରେସ ଅଧିକ ଶକ୍ତିଶାଳୀ ହେବାକୁ ହେଲେ ସେ ଦଳରେ ରହିବା ଜରୁରୀ ବୋଲି ରାମଚନ୍ଦ୍ର କହିଥିଲେ । ଓଡିଶା ପିସିସି ସଭାପତି ଭକ୍ତ ଚରଣ ଦାସ ରମେଶଙ୍କ ଉପରୁ ନିଲମ୍ବନ ଉଠାଇବାକୁ ଦାବି କରାଯାଇଛି । ଖବରଦାତା ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ କାହ୍ନୁ ଚରଣ ତ୍ରିପାଠୀ, ବଳିଆ ବେହେରା, ଜିତୁ ରାଉଳ, ହାଡୁ ରେଡି, ବିଭୂତି ଭୁଷଣ ବେହେରା, ଏସ.ବାବୁ ରେଡି ପ୍ରମୁଖ ଉପସ୍ଥିତ ଥିଲେ ।

# ଟାଏକୋଣ୍ଡୋ ପ୍ରତିଯୋଗିତା, କଲର ବେଲ୍ଟ ପରୀକ୍ଷା




ଫୁଲବାଣୀ,୨୨।୩(ରାକେଶ କୁମାର ରାଉତ)

ଫୁଲବାଣୀ କରୋନେଶନ ପଡ଼ିଆ ସ୍ଥିତ ଇନଡୋରଠାରେ ସପ୍ତମ ଜିଲାସ୍ତରୀୟ ଟାଏକୋଣ୍ଡୋ ପ୍ରତିଯୋଗିତା ଏବଂ ୨୪ ତମ କଲର ବେଲ୍ଟ ପରୀକ୍ଷା ଅନୁଷ୍ଠିତ ହୋଇଛି। ଏହା ଜିଲା ଟାଏକୋଣ୍ଡୋ ସଙ୍ଘ ଓ ଫୁଲବାଣୀ ମାର୍ସଲ ଆର୍ଟ୍ସ ଏକାଡେମୀର ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ ହୋଇଥିବା ବେଳେ ୫୫ଜଣ ପ୍ରତିଯୋଗି ଅଂଶ ଗ୍ରହଣ କରିଥିଲେ। ପ୍ରତିଯୋଗିତାକୁ ଓଡ଼ିଶା ଟାଏକୋଣ୍ଡୋ ସଙ୍ଘର ସାଧାରଣ ସମ୍ପାଦକ ତଥା ଆନ୍ତର୍ଜାତୀୟ ଟାଏକୋଣ୍ଡୋ ମାଷ୍ଟରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପରିଚାଳନା କରାଯାଇଥିଲା। ଜିଲା ସମ୍ପାଦକ ପ୍ରଭାତ କୁମାର ସାହୁ ଓ କୋଚ ରମାକାନ୍ତ ବେହେରା ଓ ପ୍ରିତମ ଚନ୍ଦ୍ର ପ୍ରଧାନ ସହଯୋଗ କରିଥିଲେ। ଜିଲା ସଙ୍ଘ ସଭାପତି ପ୍ରତାପ କୁମାର ମୁଖୀ ସମସ୍ତ ପ୍ରତିଯୋଗିଙ୍କୁ ଧନ୍ୟବାଦ ଦେଇଥିଲେ।

## ଜନଗଣନା ପାଇଁ ତାଲିମ ଶିବିର

ହିଞ୍ଜିଳିକାଟୁ,୨୨।୩(ଦ୍ୱିତୀକୃଷ୍ଣ ପଣ୍ଡା)

ହିଞ୍ଜିଳିକାଟୁ ପୌରପରିଷଦ ଅନ୍ତର୍ଗତ ପିଏମଶ୍ରୀ ସରକାରୀ ବୃନ୍ଦାବନ ବିଦ୍ୟାଳୟ ପରିସରରେ ଜନଗଣନା ପାଇଁ ଏକ ତାଲିମ ଶିବିର ରବିବାର ଅନୁଷ୍ଠିତ ହୋଇଛି। ଜନଗଣନାକାରୀ ଓ ପର୍ଯ୍ୟବେକ୍ଷକଙ୍କ ସହ ତାଲିମଦାତା ଉପସ୍ଥିତ ଥିଲେ। ଜନ ଗଣନା ୨୦୨୭ ପ୍ରଥମ କରି ଡିଜିଟାଲ ପ୍ରକ୍ରିୟାରେ କରାଯିବ । ତାଲିମଦାତା ଭାବେ କୈଳାସ ପତି ଦାଶ,ବସନ୍ତ କୁମାର ତ୍ରିପାଠୀ,ମୋହନ ବେହେରା, ଜଗନ୍ନାଥ ଗୌଡ ତାଲିମ ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମ ପାଇଁ ପ୍ରଥମ ପର୍ଯ୍ୟାୟ ତାଲିମ ଆରମ୍ଭ ହୋଇଥିବା ବେଳେ ଏହା ୩ଟି ପର୍ଯ୍ୟାୟରେ ୩୪ଜଣ ସୁପରଭାଇଜର ଓ ୨୦୧ଜନଗଣନାକାରୀ ତାଲିମ ନେବେ । ଏହି ତାଲିମ ୩୦ ପର୍ଯ୍ୟନ୍ତ ଚାଲିବ ବୋଲି ସିଆରସିସି ଅଖିଳ କୁମାର ପଣ୍ଡା କହିଛନ୍ତି ।

# ବିଶ୍ୱ ଜଳ ଦିବସରେ ପୋଖରୀ ସଫେଇ

ବ୍ରହ୍ମପୁର,୨୨।୩ (ଅଶୋକ କୁମାର ସାହୁ)

ଗଞ୍ଜାମ ଜିଲା ଆଇନ ସେବା ପ୍ରାଧିକରଣ ଏବଂ ବ୍ରହ୍ମପୁର ମହାନଗର ନିଗମର ମିଳିତ ଆନୁକୂଲ୍ୟରେ ବିଶ୍ୱ ଜଳ ଦିବସ ପାଳିତ ହୋଇଯାଇଛି । ଏହି ଅବସରରେ ଜଳ ଉତ୍ସଗୁଡ଼ିକର ପରିଷ୍କାର ପରିଚ୍ଛନ୍ନତା ଓ ରକ୍ଷଣାବେକ୍ଷଣକୁ ଦୃଷ୍ଟିରେ ରଖି ସ୍ୱୋର୍ଟ୍ସ ଏରିନା ସମ୍ମୁଖ ପୋଖରୀରୁ ଆବର୍ଜନା ବାହାର କରିବା ସହ ତୁଠ ଓ ଚତୁପାର୍ଶ୍ୱ ସଫା କରାଯାଇଥିଲା । ସାଧାରଣତଃ କୋର୍ଟ ରୁମରେ ଅତ୍ୟନ୍ତ ବ୍ୟସ୍ତ ରହୁଥିବା ନ୍ୟାୟପାଳିକାର ବରିଷ୍ଠ ଅଧିକାରୀମାନେ ପୋଖରୀ ସଫେଇ ଭଳି ଏକ ସାମୂହିକ ଉତ୍ତରଦାୟିତ୍ୱ ନିର୍ବାହ ପାଇଁ ଆଗେଇ ଆସିଥିଲେ । କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ଥିଲା ସାଧାରଣ ଲୋକଙ୍କ ମଧ୍ୟରେ ଜଳ ସଂରକ୍ଷଣ କରିବା, ଜଳ ପ୍ରଦୂଷଣ ରୋକିବା ଏବଂ ସ୍ଥାୟୀ ଜଳ ବ୍ୟବସ୍ଥାପନା ସମ୍ପର୍କରେ ସଚେତନତା ସୃଷ୍ଟି କରିବା। କାର୍ଯ୍ୟକ୍ରମରେ ଜିଲ୍ଲା ଆଇନ ସେବା ପ୍ରାଧିକରଣର ଅଧିକାରୀ ମାନେ ଜଳ ସମ୍ବନ୍ଧୀୟ ଆଇନଗତ ଅଧିକାର, ପ୍ରଦୂଷଣ ନିୟନ୍ତ୍ରଣ ଆଇନ ଏବଂ ସ୍ଥାନୀୟ ସ୍ତରରେ ଜଳ ସଂରକ୍ଷଣ ପାଇଁ ସରକାରୀ ଯୋଜନାଗୁଡ଼ିକ ବିଷୟରେ ଆଲୋଚନା କରିଥିଲେ। ବ୍ରହ୍ମପୁର ମହାନଗର ନିଗମ ପକ୍ଷରୁ ସହରାଞ୍ଚଳରେ ଜଳ ଯୋଗାଣ, ଡ୍ରେନେଜ ବ୍ୟବସ୍ଥା ଉନ୍ନତିକରଣ ଏବଂ ବର୍ଷାଜଳ ସଂଗ୍ରହ ଉପରେ ଗୁରୁତ୍ୱ ଦିଆଯାଇଥିଲା। କାର୍ଯ୍ୟକ୍ରମରେ ଛାତ୍ରଛାତ୍ରୀ, ସାମାଜିକ ସଂଗଠନର ସଦସ୍ୟ, ସ୍ଥାନୀୟ ନାଗରିକ ଏବଂ ଅନ୍ୟାନ୍ୟ ଅତିଥି ଯୋଗ ଦେଇଥିଲେ। ସଚେତନତା ରାଲି, ଆଲୋଚନାଚକ୍ର, ପୋଷ୍ଟର ପ୍ରଦର୍ଶନୀ ଏବଂ ପ୍ରତିଜ୍ଞା ଗ୍ରହଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ଜିଲ୍ଲା ଆଇନ ସେବା ପ୍ରାଧିକରଣର ଅଧିକାରୀଙ୍କ ସହ ବ୍ରହ୍ମପୁର ଏସପି ସର୍ବଣା ବିବେକ ଏମ, ବିଇଏମ୍‌ସି ଡେପୁଟି କମିଶନର କଲ୍ୟାଣୀ ସଂଘମିତ୍ରା ଦେବୀ ସମେତ ଡିଏଲଏସଏର କର୍ମଚାରୀ , ବିଇଏମ୍‌ସିର ବହୁ କର୍ମଚାରୀ ସାମିଲ ହୋଇଥିଲେ ।

